# ଅଧ୍ୟାୟ 1

## ଉପକ୍ରମ

ଅଧିକାଂଶ ଲୋକଙ୍କୁ ତୁରନ୍ତ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରିପାରୁଥିବା, ସେବା ତଥା ଉତ୍ପାଦର ଏକ ବିସ୍ତୃତ ପ୍ୟାକେଜ୍ ସହିତ ଏହାକୁ ପୂର୍ବାନୁମାନଯୋଗ୍ୟ, ଦକ୍ଷ, ରୋଗୀକେନ୍ଦ୍ରିକ, ସୁଲଭ ଏବଂ ପ୍ରଭାବଶାଳୀ କରି ସାଧାରଣ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ଭାରତର ଜାତୀୟ ସ୍ୱାସ୍ଥ୍ୟ ନୀତି, 2017 ର ମୂଳଲକ୍ଷ୍ୟ । ସୁସ୍ଥ ଜୀବନଯାପନ ଓ ପ୍ରତ୍ୟେକ ବୟସରେ ପ୍ରତ୍ୟେକଙ୍କ ପାଇଁ ସୁସ୍ଥତା ପ୍ରୋତ୍ସାହନକୁ ସୁନିଶ୍ଚିତ କରିବା ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)ର ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱକୁ ମଧ୍ୟ ଏହି ନୀତି ସ୍ୱୀକୃତି ଦେଇଥାଏ ।

ନୀତି ଆୟୋଗଙ୍କ ରିପୋର୍ଟ ଅନୁଯାୟୀ (ସ୍ୱାସ୍ଥ୍ୟ ସୂଚକାଙ୍କ, ଜୁନ୍ 2019), ସ୍ୱାସ୍ଥ୍ୟ ସୂଚକାଙ୍କରେ 21 ଟି ବୃହତ ରାଜ୍ୟ ମଧ୍ୟରେ ଓଡ଼ିଶା 19 ସ୍ଥାନ ପାଇଛି ଏବଂ କେବଳ ବିହାର ଏବଂ ଉତ୍ତରପ୍ରଦେଶ ଏହା ପଛରେ ଅଛି । ପ୍ରକୃତରେ ଦ୍ରଷ୍ଟବ୍ୟ ବର୍ଷ (2017-18) ର ସ୍ୱାସ୍ଥ୍ୟ ସୂଚକାଙ୍କ ଅନୁଯାୟୀ ଏହାର ସ୍ଥିତି, ମୂଳ ବର୍ଷ (2015-16) ଠାରୁ ବାସ୍ତବରେ 3.46 ପଏଣ୍ଟ ହ୍ରାସ ପାଇଥିଲା । ଏହିପରିଭାବରେ, ସରକାରୀ ଡାକ୍ତରଖାନାଗୁଡିକ ଦ୍ୱାରା ଦିଆଯାଉଥିବା ସେବା ଉପରେ ରୋଗୀମାନଙ୍କର ବିଶ୍ୱାସ ବଢ଼ାଇବା ପାଇଁ ପ୍ରତ୍ୟେକ ସ୍ତରରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ପାଇଁ ଏକ ବ୍ୟାପକ ପରିସର ରହିଛି ।

ଏହି ପରିପ୍ରେକ୍ଷୀରେ, ସମଗ୍ର ଦେଶ ପାଇଁ ଜାତୀୟ ସ୍ୱାସ୍ଥ୍ୟ ନୀତି ଏବଂ ଏସ୍‌ଡିଜି-3 (ସ୍ୱାସ୍ଥ୍ୟ ଏବଂ ସୁସ୍ଥତା) ର ଲକ୍ଷ୍ୟ ହାସଲ କରିବାରେ ଓଡ଼ିଶା ରାଜ୍ୟରେ ଜନ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରଦର୍ଶନ ଗୁରୁତ୍ୱପୂର୍ଣ୍ଣ ଅଟେ । ସାରଣୀ 1.1 ରେ ଦର୍ଶାଯାଇଥିବା ଅନୁଯାୟୀ ଓଡ଼ିଶାରେ ସ୍ୱାସ୍ଥ୍ୟ ସୂଚକାଙ୍କ ଜାତୀୟ ହାରାହାରି ଠାରୁ ପଛରେ ରହିଥିବା ହେତୁ ଏହା ଗୁରୁତ୍ୱ ବହନ କରେ ।

**ସାରଣୀ 1.1: ଭାରତ ତୁଳନାରେ ଓଡ଼ିଶାର ସ୍ୱାସ୍ଥ୍ୟ ସୂଚକ**

| କ୍ର.ସଂ. | ସ୍ୱାସ୍ଥ୍ୟ ସୂଚକ[1] | ଓଡ଼ିଶା | | ଭାରତ | |
|---|---|---|---|---|---|
| | | 2016 | 2021 | 2016 | 2021 |
| 1 | ସମୁଦାୟ ଫର୍ଟିଲିଟି ହାର (ଟିଏଫ୍ଆର୍) | 2.1 | 1.8 | 2.2 | 2.0 |
| 2 | ମେଡିକାଲରେ ପ୍ରସବ | 85.3 | 92.2 | 78.9 | 88.6 |
| 3 | ନବଜାତକ ମୃତ୍ୟୁ ହାର (ଏନ୍ଏମ୍ଆର୍) | 28.2 | 27.0 | 29.5 | 24.9 |
| 4 | ଶିଶୁ ମୃତ୍ୟୁ ହାର (ଆଇଏମ୍ଆର୍) | 39.6 | 36.3 | 40.7 | 35.2 |
| 5 | 5 ବର୍ଷରୁ ନିମ୍ନ ଶିଶୁ ମୃତ୍ୟୁ ହାର (ୟୁ5ଏମ୍ଆର୍) | 48.1 | 41.1 | 49.7 | 41.9 |
| 6 | ମାତୃ ମୃତ୍ୟୁ ହାର ଅନୁପାତ (ଏମ୍ଏମ୍ଆର୍) | 150 (2018) | 136 (2019) | 113 (2018) | 103 (2019) |
| 7 | ଜନ୍ମ ହାର | 18.6 | 18 (2019) | 20.4 | 19.7 (2019) |
| 8 | ମୃତ୍ୟୁ ହାର | 7.8 | 7.1 (2019) | 6.4 | 6.0 (2019) |

*(ଉତ୍ସ: ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ଏଫ୍ଏଚ)-5, ନମୁନା ପଞ୍ଜୀକରଣ ସିଷ୍ଟମ (ଏସ୍ଆର୍ଏସ୍) ଏବଂ ଅର୍ଥନୈତିକ ସର୍ବେକ୍ଷଣ, ଭାରତ, 2021-22)*

[1] **ଟିଏଫ୍ଆର୍:** ହାରାହାରି ଶିଶୁଙ୍କ ସଂଖ୍ୟା ଯାହାକି ଜଣେ ମହିଳା ଜନ୍ମ ଦେବେ (15-49 ବର୍ଷରେ): ମେଡିକାଲରେ ପ୍ରସବ: ବର୍ଷ ମଧ୍ୟରେ ଆନୁମାନିକ ପ୍ରସବ ସଖ୍ୟା ବିପକ୍ଷରେ ସରକାରୀ ଏବଂ ବେସରକାରୀ ସ୍ୱାସ୍ଥ୍ୟ ସୁବିଧାର ପ୍ରସବ ସଂଖ୍ୟା ଅନୁପାତ; **ଏନ୍ଏମ୍ଆର୍:** ନିର୍ଦ୍ଦିଷ୍ଟ ବର୍ଷରେ ପ୍ରତି 1,000 ଜୀବିତ ଜନ୍ମରେ, ନବଜାତକ ମୃତ୍ୟୁ ସଂଖ୍ୟା; ଆଇଏମ୍ଆର୍: ବର୍ଷରେ ପ୍ରତି 1,000 ଜୀବିତ ଜନ୍ମରେ, ଶିଶୁ ମୃତ୍ୟୁ ସଂଖ୍ୟା; ୟୁ5ଏମ୍ଆର୍: ବର୍ଷରେ ପ୍ରତି 1,000 ଜୀବିତ ଜନ୍ମରେ, 5 ବର୍ଷରୁ କମ୍ ଶିଶୁ ମୃତ୍ୟୁ ସଂଖ୍ୟା; ଏମ୍ଏମ୍ଆର୍: ବର୍ଷରେ ପ୍ରତି 1,000 ଜୀବିତ ଜନ୍ମରେ, ମାତୃ ମୃତ୍ୟୁର ସଂଖ୍ୟା; ଜନ୍ମ ହାର: ଏକ ନିର୍ଦ୍ଦିଷ୍ଟ ବର୍ଷରେ ପ୍ରତି 1,000 ଆନୁମାନିକ ଜନ ସଂଖ୍ୟାରେ, ଜୀବିତ ଜନ୍ମ; ମୃତ୍ୟୁ ହାର: ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବର୍ଷରେ ପ୍ରତି 1,000 ଆନୁମାନିକ ଜନ ସଂଖ୍ୟାରେ, ମୃତ୍ୟୁ ସଂଖ୍ୟା

ଏହିପରିଭାବରେ, ଏନ୍ଏମ୍ଆର୍, ଆଇଏମ୍ଆର୍ ଏବଂ ଏମ୍ଏମ୍ଆର ଭଳି କେତେକ ସ୍ୱାସ୍ଥ୍ୟ ସୂଚକ କ୍ଷେତ୍ରରେ ରାଜ୍ୟ ଜାତୀୟ ସୂଚକାଙ୍କ ଠାରୁ ପଛୁଆ ଥିବାବେଳେ, ଜାତୀୟ ହାରାହାରୀ ତୁଳନାରେ ଟିଏଫ୍ଆର୍, ଡାକ୍ତରଖାନା ପ୍ରସବ, ୟୁ5ଏମ୍ଆର୍ କ୍ଷେତ୍ରରେ ଏହାର ସ୍ଥିତି ସାମାନ୍ୟ ଭଲ ।

## 1.1 ରାଜ୍ୟରେ ଜନସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା

ଓଡ଼ିଶାରେ ଜନସ୍ୱାସ୍ଥ୍ୟ ସେବା ସୁବିଧାଗୁଡ଼ିକ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ପ୍ରଶାସନିକ ନିୟନ୍ତ୍ରଣ ଅଧିନରେ ପ୍ରାଥମିକ ଚିକିତ୍ସା, ମାଧ୍ୟମିକ ଚିକିତ୍ସା ଏବଂ ତୃତୀୟ ସ୍ତରୀୟ ଚିକିତ୍ସା ଯୋଗାଇବା ପାଇଁ ତିନୋଟି ସ୍ତରରେ ଗଠନ କରାଯାଇଛି, ଯାହା ସାରଣୀ ***1.2*** ରେ ଆଲୋଚନା କରାଯାଇଛି ।

**ସାରଣୀ 1.2: ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଗୁଡ଼ିକର ତ୍ରିସ୍ତରୀୟ ବ୍ୟବସ୍ଥା**

| | |
|---|---|
| **ପ୍ରାଥମିକ ଚିକିତ୍ସା ସେବା** | ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍ସି) ଏବଂ ଉପ-କେନ୍ଦ୍ର (ଏସ୍ସି) ମାଧ୍ୟମରେ ପ୍ରଦାନ କରାଯାଉଛି । ଏକ ଉପ-କେନ୍ଦ୍ର ହେଉଛି ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଏବଂ ଜନସାଧାରଣଙ୍କ ମଧ୍ୟରେ ଯୋଗାଯୋଗର ପ୍ରଥମ ସୋପାନ । ଜନ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଜଣେ ଯୋଗ୍ୟ ଡାକ୍ତର ଥିବା ପିଏଚ୍ସିଗୁଡିକ ରୋଗୀମାନଙ୍କ ପାଇଁ ପ୍ରଥମ ସ୍ତର ଭାବରେ କାର୍ଯ୍ୟ କରନ୍ତି । ଏକ ଉପ କେନ୍ଦ୍ର, ସହାୟକ ନର୍ସ ମିଡୱାଇଫ୍ (ଏଏନ୍ଏମ୍)/ ସ୍ୱାସ୍ଥ୍ୟ କର୍ମୀ (ମହିଳା)ଙ୍କ ନେତୃତ୍ୱରେ ଏମ୍ବିବିଏସ୍ ଡାକ୍ତରମାନେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକର ପରିଚାଳନା କରନ୍ତି । |
| **ମାଧ୍ୟମିକ ଚିକିତ୍ସା ସେବା** | ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍ସି), ଉପ-ବିଭାଗୀୟ ଡାକ୍ତରଖାନା (ଏସ୍ଡିଏଚ୍) ଏବଂ ଜିଲ୍ଲା ମୁଖ୍ୟ ଡାକ୍ତରଖାନା (ଡିଏଚ୍ଏଚ୍) ଜନ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦ୍ୱିତୀୟ ସ୍ତରୀୟ ସ୍ୱାସ୍ଥ୍ୟ ସେବା ପ୍ରଦାନ କରେ । ଏହି ସ୍ୱାସ୍ଥ୍ୟ ସୁବିଧା, ରୋଗୀକୁ ଆରୋଗ୍ୟକାରୀ ଏବଂ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ଯୋଗାଇଥାଏ । ସିଏଚ୍ସି ଗୁଡ଼ିକ ପିଏଚ୍ସିର ରୋଗୀଙ୍କ ରେଫରାଲ୍ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ବିଶେଷଜ୍ଞ ଚିକିତ୍ସା ଆବଶ୍ୟକତା ପାଇଁ ସିଧାସଳଖ କେନ୍ଦ୍ରକୁ ଆସିଥିବା ରୋଗୀମାନଙ୍କୁ ମଧ୍ୟ ଚିକିତ୍ସା ପ୍ରଦାନ କରନ୍ତି । ଡିଏଚ୍ଏଚ୍ ଗୁଡ଼ିକ ଏକ ଗ୍ରହଣୀୟ ସ୍ତରର ଗୁଣବତ୍ତାଯୁକ୍ତ ମଧ୍ୟମ ସ୍ତରୀୟ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଉତ୍ତରଦାୟୀ । |
| **ତୃତୀୟ ଚିକିତ୍ସା ସେବା** | ତୃତୀୟ ସ୍ତରୀୟ ଚିକିତ୍ସା, ସ୍ୱାସ୍ଥ୍ୟସେବା ସ୍ୱାସ୍ଥ୍ୟ ବ୍ୟବସ୍ଥାର ତୃତୀୟ ସ୍ତରକୁ ବୁଝାଏ, ଯେଉଁଥିରେ ସାଧାରଣତଃ ପ୍ରାଥମିକ ଏବଂ ମାଧ୍ୟମିକ ଚିକିତ୍ସା କେନ୍ଦ୍ରରୁ ରେଫର୍ ହେଉଥିବା ରୋଗୀଙ୍କୁ ବିଶେଷଜ୍ଞ ପରାମର୍ଶ ସେବା ଯୋଗାଇ ଦିଆଯାଇଥାଏ । ସ୍ୱତନ୍ତ୍ର ଇଣ୍ଟେନ୍ସିଭ୍ କେୟାର ୟୁନିଟ୍, ଉନ୍ନତ ନିଦାନ ସହାୟକ ସେବା ଓ ବିଶେଷଜ୍ଞ ଚିକିତ୍ସକ, ତୃତୀୟ ସ୍ତରୀୟ ସ୍ୱାସ୍ଥ୍ୟ ସେବାର ମୁଖ୍ୟ ବୈଶିଷ୍ଟ୍ୟ । ଜନ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅଧିନରେ, ମେଡିକାଲ କଲେଜ ଏବଂ ହସ୍ପିଟାଲ (ଏମ୍ସିଏଚ୍) ଏବଂ ଉନ୍ନତ ଚିକିତ୍ସା ଅନୁସନ୍ଧାନ ପ୍ରତିଷ୍ଠାନ ଦ୍ୱାରା ତୃତୀୟ ସ୍ତରୀୟ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । |

***(ଉତ୍ସ: ଭାରତୀୟ ଜନସ୍ୱାସ୍ଥ୍ୟ ମାନକ)***

ମାର୍ଚ୍ଚ 2022 ସୁଦ୍ଧା ରାଜ୍ୟରେ ଉପଲବ୍ଧ ସ୍ୱାସ୍ଥ୍ୟ ସେବାର ସୁବିଧା ସାରଣୀ 1.3 ରେ ଦର୍ଶାଯାଇଛି ।

**ସାରଣୀ 1.3: ରାଜ୍ୟରେ ସ୍ୱାସ୍ଥ୍ୟ ସେବା ସୁବିଧା**

| କ୍ର.ସଂ. | ସ୍ୱାସ୍ଥ୍ୟ ସେବା ସୁବିଧା | ସଂଖ୍ୟା |
|---|---|---|
| 1 | ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ | 8 |
| 2 | ଘରୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲ | 4 |
| 3 | ସୁପର ସ୍ପେସିଆଲିଟି ହସ୍ପିଟାଲ | 3 |
| 4 | ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା(ଡିଏଚ୍ଏଚ୍)[2] | 32 |
| 5 | ଉପ-ବିଭାଗୀୟ ଡାକ୍ତରଖାନା (ଏସ୍ଡିଏଚ୍) | 32 |
| 6 | ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍ସି) | 382 |
| 7 | ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍ସି) | 1,340 |
| 8 | ଉପ-କେନ୍ଦ୍ର (ଏସ୍ସି) | 6,688 |

***(ଉତ୍ସ: ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶା ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)***

ମେଡିକାଲ କଲେଜ ଏବଂ ହସ୍ପିଟାଲ ଏବଂ ଅଲ୍ ଇଣ୍ଡିଆ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ (ଏଆଇଆଇଏମ୍ଏସ୍)ର ଉପଲବ୍ଧତା ମାନଚିତ୍ର 1.1 ରେ ଦର୍ଶାଯାଇଛି ।

---

[2] ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ମାନ୍ୟତା ସହିତ ରାଜ୍ୟର ଦୁଇଟି ପ୍ରମୁଖ ଡାକ୍ତରଖାନା (i) କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର ଏବଂ (ii) ରାଉରକେଲା ସରକାରୀ ହସ୍ପିଟାଲ, ରାଉରକେଲା

ମାନଚିତ୍ର **1.1:** ଏମ୍‌ସିଏଚ୍ ଏବଂ ଏଆଇଆଇଏମ୍‌ଏସ୍ ଥିବା ଜିଲ୍ଲାଗୁଡ଼ିକ




ରାଜ୍ୟରେ କାର୍ଯ୍ୟ କରୁଥିବା ଏମ୍‌ସିଏଚ୍ ସହିତ 2018-23 ଅବଧିରେ ପ୍ରତିଷ୍ଠିତ ଚାରିଟି ନୂତନ ଏମ୍‌ସିଏଚ୍ ଗୁଡ଼ିକର ସ୍ଥିତି (ମଇ 2023) ***ପରିଶିଷ୍ଟ 1.1*** ରେ ଦର୍ଶାଯାଇଛି ।

## 1.2 ସାଂଗଠନିକ ସଂରଚନା

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ରାଜ୍ୟରେ ସ୍ୱାସ୍ଥ୍ୟସେବା ପରିଚାଳନା ପାଇଁ ଦାୟୀ । ଏହାର ବିଭିନ୍ନ ନିର୍ଦ୍ଦେଶାଳୟର ସହାୟତାରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଏହା ନୀତି ପ୍ରସ୍ତୁତ କରେ ।

ଏଥିସହ, ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ୍ ଲିମିଟେଡ୍ (ଓଏସ୍‌ଏମ୍‌ସିଏଲ୍) ଔଷଧ, ଉପଯୋଗୀ ସାମଗ୍ରୀ ଏବଂ ଯନ୍ତ୍ରପାତି କ୍ରୟ ତଥା ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନକୁ ସେଗୁଡିକର ଯୋଗାଣ ପରିଚାଳନା କରିଥାଏ । ଅଧିକନ୍ତୁ, ଓଡ଼ିଶାର ଔଷଧ ନିୟନ୍ତ୍ରକ ଡ୍ରଗ ଉତ୍ପାଦନ ଏବଂ ବିକ୍ରୟ ପ୍ରତିଷ୍ଠାନ, ଡ୍ରଗ ଟେଷ୍ଟିଂ ଲାବୋରେଟୋରୀ, ବ୍ଲଡ୍ ବ୍ୟାଙ୍କ ଇତ୍ୟାଦି ପାଇଁ ଲାଇସେନ୍‌ସ ପ୍ରଦାନ କରେ । ବିଭାଗର ବିସ୍ତୃତ ସାଂଗଠନିକ ସଂରଚନା ***ପରିଶିଷ୍ଟ 1.2*** ରେ ଦର୍ଶାଯାଇଛି ।

## 1.3 ସମୀକ୍ଷା ଉଦ୍ଦେଶ୍ୟ

ନିମ୍ନଲିଖିତ ବିଷୟଗୁଡିକର ମୂଲ୍ୟାଙ୍କନ କରିବା ଉଦ୍ଦେଶ୍ୟରେ 'ରାଜ୍ୟରେ ଜନସ୍ୱାସ୍ଥ୍ୟ ଭିତ୍ତିଭୂମି ଏବଂ ସ୍ୱାସ୍ଥ୍ୟ ସେବା ପରିଚାଳନା' ଉପରେ ସମ୍ପାଦନ ସମୀକ୍ଷା କରାଯାଇଥିଲା:

1. ରାଜ୍ୟରେ ସ୍ୱାସ୍ଥ୍ୟସେବା ପାଇଁ ଅର୍ଥର ପର୍ଯ୍ୟାପ୍ତତା ।
2. ରାଜ୍ୟରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଉପଲବ୍ଧତା ଏବଂ ପରିଚାଳନା
3. ହିତାଧିକାରୀଙ୍କ ଆବଶ୍ୟକତାକୁ ପର୍ଯ୍ୟାପ୍ତ ଭାବରେ ପୂରଣ କରିବା ପାଇଁ ଔଷଧ, ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ଉପଯୋଗୀ ସାମଗ୍ରୀର ଉପଲବ୍ଧତା
4. ପ୍ରତ୍ୟେକ ସ୍ତରରେ ଆବଶ୍ୟକ ମାନବ ସମ୍ବଳ (ଡାକ୍ତର, ନର୍ସ, ପାରାମିଡିକ୍ ଇତ୍ୟାଦି)ର ଉପଲବ୍ଧତା
5. ସରକାରୀ/ ବେସରକାରୀ ସ୍ୱାସ୍ଥ୍ୟ ସେବାରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାକୁ ସୁନିଶ୍ଚିତ କରିବା ପାଇଁ ନିୟାମକ ବ୍ୟବସ୍ଥାର ପର୍ଯ୍ୟାପ୍ତତା ଏବଂ କାର୍ଯ୍ୟକାରିତା
6. ସ୍ୱାସ୍ଥ୍ୟ ବାବଦ ଖର୍ଚ୍ଚ, ଏସ୍‌ଡିଜି-3 ଅନୁଯାୟୀ, ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣରେ ଉନ୍ନତି ଆଣିଛି କି ନାହିଁ
7. ଜରୁରୀକାଳୀନ ପରିଚାଳନାରେ ରାଜ୍ୟ ସରକାରଙ୍କ ଦକ୍ଷତା

## 1.4 ସମୀକ୍ଷା ମାନଦଣ୍ଡ

ସମ୍ପାଦନ ସମୀକ୍ଷା ପାଇଁ ସମୀକ୍ଷା ମାନଦଣ୍ଡ ନିମ୍ନ ବିଷୟଗୁଡିକରୁ ପ୍ରାପ୍ତହୋଇଛି:

- ଜାତୀୟ ସ୍ୱାସ୍ଥ୍ୟ ନୀତି, 2017
- ସ୍ଥାୟୀ ବିକାଶ ଲକ୍ଷ୍ୟ(ଏସ୍‌ଡିଜି)
- ଭାରତୀୟ ଜନ ସ୍ୱାସ୍ଥ୍ୟ ମାନକ (ଆଇପିଏଚ୍‌ଏସ୍), 2012
- ଏନ୍‌ଏଚ୍‌ଏମ୍ ଆସେସର୍‌ସ୍ ର ନିର୍ଦ୍ଦେଶାବଳୀ ଏବଂ ସମୟ ସମୟରେ ଦିଆଯାଇଥିବା ନିର୍ଦ୍ଦେଶାବଳୀ
- କାୟାକଳ୍ପ ମାର୍ଗଦର୍ଶିକା
- ଭାରତୀୟ ମେଡିକାଲ୍ କାଉନସିଲ୍ ଅଧିନିୟମ, 1956/ ଜାତୀୟ ମେଡିକାଲ୍ କମିଶନ ଅଧିନିୟମ, 2019
- ସର୍ବନିମ୍ନ ମାନକ ଆବଶ୍ୟକତା ନିୟମାବଳୀ, 1999
- କ୍ଲିନିକାଲ୍ ପ୍ରତିଷ୍ଠା ଅଧିନିୟମ, 2010
- ଓଡ଼ିଶା କ୍ଲିନିକାଲ୍ ପ୍ରତିଷ୍ଠା ଅଧିନିୟମ, 1991 ଏବଂ ତାହା ଅଧିନରେ ପ୍ରସ୍ତୁତ ନିୟମାବଳୀ
- ବାୟୋ ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ଏବଂ କାର୍ଯ୍ୟକାରିତା ନିୟମ 1998 ଏବଂ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016
- ଇମେଜିଙ୍ଗ୍ ୟୁନିଟ୍, ଇତ୍ୟାଦି ପାଇଁ ପରମାଣୁ ଶକ୍ତି ନିୟାମକ ବୋର୍ଡ ମାର୍ଗଦର୍ଶିକା
- କୋଭିଡ୍-19 ଡାକ୍ତରଖାନା/ ୟୁନିଟ୍ ଗୁଡିକର ପରିଚାଳନା ପାଇଁ ଓଡ଼ିଶା ସରକାରଙ୍କର ମାନକ ଅପରେଟିଂ ପ୍ରଣାଳୀ
- ଓଡ଼ିଶା ବଜେଟ୍ ମାନୁଆଲ ଏବଂ
- ବିଭାଗୀୟ/ ସରକାରୀ ନୀତି, ନିୟମାବଳୀ, ନିର୍ଦ୍ଦେଶାବଳୀ, ମାନୁଆଲ ଏବଂ ନିୟାମକ

## 1.5 ସମୀକ୍ଷା ପରିସର ଏବଂ ପଦ୍ଧତି

ଆର୍ଥିକ ବର୍ଷ 2016-17 ରୁ 2021-22 ପର୍ଯ୍ୟନ୍ତ ସମୟକୁ ପରିସରଭୁକ୍ତ କରି ଜାନୁଆରୀରୁ ଅଗଷ୍ଟ 2022 ମଧ୍ୟରେ ସମ୍ପାଦନ ସମୀକ୍ଷା କରାଯାଇଥିଲା । ସମୀକ୍ଷା ପ୍ରଣାଳୀରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ (ଏଚ୍‌ଏବଂଏଫ୍‌ଡବ୍ଲ୍ୟୁ), ନିର୍ଦ୍ଦେଶାଳୟ ଏବଂ ନମୁନା ୟୁନିଟ୍‌ଗୁଡ଼ିକର ରେକର୍ଡଗୁଡ଼ିକ ଯାଞ୍ଚ କରାଯାଇଥିଲା । ଦସ୍ତାବିଜ୍ ବିଶ୍ଳେଷଣ, ପ୍ରଶ୍ନପତ୍ର/ ପ୍ରୋଫର୍ମା ମାଧ୍ୟମରେ ସୂଚନା ସଂଗ୍ରହ, ସମୀକ୍ଷା ମନ୍ତବ୍ୟର ପ୍ରତିକ୍ରିୟା, ପ୍ରସ୍ତୁତ ପ୍ରଶ୍ନାବଳୀ ମାଧ୍ୟମରେ ରୋଗୀ ସର୍ବେକ୍ଷଣ ଇତ୍ୟାଦି ମଧ୍ୟ ଅଡିଟ୍ ଦ୍ୱାରା କରାଯାଇଥିଲା । ଏହା ବ୍ୟତୀତ, ଡାକ୍ତରଖାନା ସମ୍ପତ୍ତି, ସବ୍-ଷ୍ଟୋର ଏବଂ ସିଭିଲ୍ ୱାର୍କଗୁଡ଼ିକର ମିଳିତ ସରଜମିନ ତଦନ୍ତ ମଧ୍ୟ କରାଯାଇଥିଲା । ଓଏସ୍‌ଏମ୍‌ସିଏଲ୍ ଏବଂ ଡାକ୍ତରଖାନା ଦ୍ୱାରା ବ୍ୟବହୃତ ୱେବ୍ ଆପ୍ଲିକେସନ (ଇ-ନିରାମୟ) ର ଡାଟାବେସ୍‌ର ବିଶ୍ଳେଷଣ ମଧ୍ୟ ମାଇକ୍ରୋସଫ୍ଟ ଏକ୍ସେଲ୍ ଭଳି ତଥ୍ୟ ବିଶ୍ଳେଷଣ ଟୁଲ୍ ମାଧ୍ୟମରେ କରାଯାଇଥିଲା ।

ଓଡ଼ିଶା ସରକାରଙ୍କ ଏଚ୍ ଆଣ୍ଡ ଏଫ୍‌ଡବ୍ଲୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହ 7 ଜାନୁଆରୀ 2022 ରେ ଏକ ପ୍ରବେଶ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସମୀକ୍ଷା ଉଦ୍ଦେଶ୍ୟ, ସମୀକ୍ଷା ମାନଦଣ୍ଡ, ସମୀକ୍ଷା ପରିସର ଏବଂ ପଦ୍ଧତି ବିଷୟରେ ଆଲୋଚନା କରାଯାଇଥିଲା ।

1 ନଭେମ୍ବର 2022 ରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗକୁ ଡ୍ରାଫ୍ଟ ରିପୋର୍ଟ ପ୍ରଦାନ କରାଯାଇଥିଲା । ବିଭାଗରୁ ପ୍ରାପ୍ତ ପ୍ରତିକ୍ରିୟାଗୁଡ଼ିକ ରିପୋର୍ଟରେ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ।

## 1.6 ସମୀକ୍ଷା ସାମ୍ପଲିଙ୍ଗ୍

ରାଜ୍ୟ ସ୍ତରରେ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ସହିତ ଆଠଟି ନିୟନ୍ତ୍ରଣ ଏକକ ସମ୍ପାଦନ ସମୀକ୍ଷା ପାଇଁ ଚୟନ କରାଯାଇଥିଲା । ସାତଟି ମେଡିକାଲ କଲେଜ ଏବଂ ଚିକିତ୍ସାଳୟ ମଧ୍ୟରୁ 2018 ପୂର୍ବରୁ ପ୍ରତିଷ୍ଠିତ ଦୁଇଟି ଏମ୍‌ସିଏଚ୍ ଏବଂ 30 ଡିଏଚ୍‌ଏଚ୍ ମଧ୍ୟରୁ ସାତଟି ରାଣ୍ଡମ୍ ସାମ୍ପଲିଂ ପଦ୍ଧତି ବ୍ୟବହାର କରି ମନୋନୀତ କରାଯାଇଥିଲା । ସେହିଭଳି, ପ୍ରତ୍ୟେକ ଡିଏଚ୍‌ଏଚ୍ ଅଧୀନରେ ଦୁଇଟି ସିଏଚ୍‌ସି (ସମୁଦାୟ 14 ସିଏଚ୍‌ସି) ରାଣ୍ଡମ୍ ସାମ୍ପଲିଂ ପଦ୍ଧତି ବ୍ୟବହାର କରି ଚୟନ କରାଯାଇଥିଲା ପ୍ରତ୍ୟେକ ନମୁନା ସିଏଚ୍‌ସି ଅଧୀନରେ ଗୋଟିଏ ପିଏଚ୍‌ସି ବିଚାର ଭିତ୍ତିରେ ଚୟନ କରାଯାଇଥିଲା । ସାମ୍ପଲିଙ୍ଗ ୟୁନିଟ୍ ଗୁଡ଼ିକର ବିସ୍ତୃତ ବିବରଣୀ ***ପରିଶିଷ୍ଟ 1.3*** ରେ ଦର୍ଶାଯାଇଛି ।

ସୀମିତ ସମ୍ବଳକୁ ଧ୍ୟାନରେ ରଖି, ନିରପେକ୍ଷ ତଥ୍ୟକୁ ହସ୍ତଗତ ଏବଂ ମୂଲ୍ୟାଙ୍କନ କରିବା ପାଇଁ ଉପଯୁକ୍ତ ସାମ୍ପଲିଙ୍ଗ ରଣନୀତି ପରିକଳ୍ପନା କରାଯାଇଥିଲା, ଯାହା ସମ୍ପାଦନ ସମୀକ୍ଷାରେ ସମଗ୍ର ସମୀକ୍ଷା ଅବଧି ମଧ୍ୟରେ ଥିବା ଭିନ୍ନତାକୁ ବାଛିବାରେ ନିଶ୍ଚିତତା ପ୍ରଦାନ କରୁଥିଲା । ଏହିପରି, ସମୀକ୍ଷା ପାଇଁ, ବାର୍ଷିକ, ମାସିକ ଏବଂ ସାପ୍ତାହିକ ଭଳି ବିଭିନ୍ନ ଅବଧିରେ ତଥ୍ୟ ହସ୍ତଗତ କରିବା ପାଇଁ ଏକ ପ୍ରଶ୍ନପତ୍ର ଡିଜାଇନ୍ କରାଯାଇଥିଲା ।

ମାସିକ ଭିତ୍ତିରେ ରେକର୍ଡ ହୋଇଥିବା ତଥ୍ୟରେ ପରିବର୍ତ୍ତନ/ କଭରେଜ୍ ନିଶ୍ଚିତ କରିବାକୁ, ସମୀକ୍ଷା ଅବଧିର ବିଭିନ୍ନ ମାସଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଥିଲା । ଏଥିପାଇଁ, ପ୍ରତ୍ୟେକ ବର୍ଷକୁ ଚାରୋଟି କ୍ୱାର୍ଟରରେ ବିଭକ୍ତ କରାଯାଇଥିଲା ଏବଂ ମାସିକ ଫ୍ରିକ୍ୱେନ୍ସିରେ ରିପୋର୍ଟ କରାଯାଉଥିବା ସୂଚକାଙ୍କ ପାଇଁ ତଥ୍ୟ ହସ୍ତଗତ ନିମନ୍ତେ ପ୍ରତ୍ୟେକ କ୍ୱାର୍ଟରର ମଧ୍ୟମ ମାସକୁ ଚୟନ କରାଯାଇଥିଲା । ଏହା ଅନୁସରଣ କରି, ସାପ୍ତାହିକ ଫ୍ରିକ୍ୱେନ୍ସି କ୍ୟାପଚର କରିବାକୁ, ସ୍ଥିରତା ବଜାୟ ରଖିବା ପାଇଁ ମନୋନୀତ ସାମଗୁଡ଼ିକର ପ୍ରଥମ ସପ୍ତାହକୁ ଚୟନ କରାଯାଇଥିଲା ।

ମନୋନୀତ ବର୍ଷ, ମାସ ଏବଂ ସପ୍ତାହଗୁଡ଼ିକର ବିବରଣୀ ସାରଣୀ **1.4** ରେ ଦର୍ଶାଯାଇଛି ।

**ସାରଣୀ 1.4: ସମୀକ୍ଷା ଯାଞ୍ଚ ପାଇଁ ନମୁନା ମାସ ଏବଂ ବର୍ଷର ବିବରଣୀ**

| ବର୍ଷ | କ୍ୱାଟର-1 | କ୍ୱାଟର -2 | କ୍ୱାଟର -3 | କ୍ୱାଟର -4 | ସପ୍ତାହ ଚୟନ |
|---|---|---|---|---|---|
| 2016-17 | ମଇ 2016 | | | | 1-7 ମଇ 2016 |
| 2017-18 | | ଅଗଷ୍ଟ 2017 | | | 1-7 ଅଗଷ୍ଟ 2017 |
| 2018-19 | | | ନଭେମ୍ବର 2018 | | 1-7 ନଭେମ୍ବର 2018 |
| 2019-20 | | | | ଫେବୃଆରୀ 2020 | 1-7 ଫେବୃଆରୀ 2020 |
| 2020-21 | ମଇ 2020 | | | | 1-7 ମଇ 2020 |
| 2021-22 | | ଅଗଷ୍ଟ 2021 | | | 1-7 ଅଗଷ୍ଟ 2021 |

## 1.7 ରିପୋର୍ଟର ଗଠନ

ସ୍ୱାସ୍ଥ୍ୟ ସେବାର ପ୍ରମୁଖ ଉପାଦାନଗୁଡ଼ିକୁ (i) ଉପକ୍ରମ, (ii) ମାନବ ସମ୍ବଳ, (iii) ସ୍ୱାସ୍ଥ୍ୟ ସେବା, (iv) ଡ୍ରଗ, ଔଷଧ, ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ଉପଭୋକ୍ତା ଦ୍ରବ୍ୟର ଉପଲବ୍ଧତା, (v) ସ୍ୱାସ୍ଥ୍ୟସେବା ଭିତ୍ତିଭୂମି, (vi) ଆର୍ଥିକ ପରିଚାଳନା, (vii) କେନ୍ଦ୍ରୀୟ ଏବଂ ରାଜ୍ୟରେ ସ୍ୱାସ୍ଥ୍ୟ ଯୋଜନାର କାର୍ଯ୍ୟାନ୍ୱୟନ, (viii) ନିୟାମକ ପରିଚାଳନାର ପର୍ଯ୍ୟାପ୍ତତା ଏବଂ କାର୍ଯ୍ୟକାରିତା ଏବଂ (ix) ସ୍ଥାୟୀ ବିକାଶ ଲକ୍ଷ୍ୟ 3 ଅର୍ଥାତ୍ ଧ୍ୟାନରେ ରଖି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ।

ଚିହ୍ନିତ ଉପାଦାନଗୁଡ଼ିକ ସମ୍ପର୍କିତ ସମୀକ୍ଷା ଫଳାଫଳ, ପରବର୍ତ୍ତୀ ଅଧ୍ୟାୟଗୁଡ଼ିକରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି ।

## 1.8 ସ୍ୱୀକୃତି

ସମୀକ୍ଷା ପରିଚାଳନାରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର, ନିର୍ଦ୍ଦେଶାଳୟ/ ନିୟନ୍ତ୍ରଣ କାର୍ଯ୍ୟାଳୟ ଏବଂ କ୍ଷେତ୍ର କାର୍ଯ୍ୟକର୍ତ୍ତାଙ୍କ ସହଯୋଗକୁ ସମୀକ୍ଷା ସ୍ୱୀକାର କରିଛି ।